# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 July - 2024**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି ନେଇ ନୂଆଦିଲ୍ଲୀଠାରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ସୁପ୍ରିମକୋର୍ଟରେ ଆସନ୍ତା ୧୮ ତାରିଖରେ ହେବ ନିଟ୍ ୟୁଜି ଅନିୟମିତତା ମାମଲାର ପରବର୍ତ୍ତୀ ଶୁଣାଣି
- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ହେରାପଞ୍ଚମୀ ନୀତି

ଏବଂ

- ମୌସୁମୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ରାଜ୍ୟର ୧୫ଟି ଜିଲ୍ଲାକୁ ସତର୍କ ସୂଚନା

*Desk*

# ପିଏମ୍‌-ବଜେଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍‌ ପ୍ରସ୍ତୁତି ନେଇ ନୀତି ଆୟୋଗର ବିଶିଷ୍ଟ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରି ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ସମେତ ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞ ଉପସ୍ଥିତ ଥିଲେ ।

ସଂସଦର ବଜେଟ୍‌ ଅଧିବେଶନ ଚଳିତ ମାସ ୨୨ରେ ଆରମ୍ଭ ହେବାକୁ ଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୩ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍‌ ଲୋକସଭାରେ ଉପସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟପାଳି ସରକାରର ଏହା ପ୍ରଥମ ବଜେଟ୍‌ ହେବ । ଗତ ମାସରେ ଅନୁଷ୍ଠିତ ସଂସଦର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଆଗାମୀ ବଜେଟ୍‌ ଭବିଷ୍ୟତ ଲକ୍ଷ୍ୟ ପୂରଣ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏଥିରେ ପ୍ରମୁଖ ଆର୍ଥିକ ଏବଂ ସାମାଜିକ ସୁଧାର ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଯୋଗୁଁ ଗତ ଫେବୃୟାରୀ ମାସରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍‌ ଆଗତ କରିଥିଲେ ।

# ଏସ୍.ସି.-ନିଟ୍

ସୁପ୍ରିମ୍‌କୋର୍ଟ ନିଟ୍ ୟୁ.ଜି.- ୨୦୨୪ ପରୀକ୍ଷାରେ ଅନିୟମିତତା ମାମଲାର ଆବେଦନ ଗୁଡ଼ିକର ଶୁଣାଣି ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ସମସ୍ତ ପକ୍ଷ ସେମାନଙ୍କର ଜବାବ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି । ଏ ସଂକ୍ରାନ୍ତ ମାମଲା ଗୁଡ଼ିକ ଶୁଣାଣି ପାଇଁ ପୂର୍ବରୁ ଆଜିକୁ ଦିନ ଧାର୍ଯ୍ୟ କରାଯାଇଥିଲା । ଗତ ମେ ମାସ ୫ ତାରିଖରେ ଅନୁଷ୍ଠିତ ନିଟ୍ ୟୁ.ଜି. ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଏକାଧିକ ଆବେଦନ ସୁପ୍ରିମ୍‌କୋର୍ଟରେ ବିଚାର ଚାଲିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତକାଲି ଦାଖଲ କରାଯାଇଥିବା ସତ୍ୟପାଠରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷା ମନ୍ତ୍ରଣାଳୟ’ ଆଇ.ଆଇ.ଟି. ମାଡ୍ରାସ୍‌କୁ ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାର୍ଥୀଙ୍କ ଫଳାଫଳର ବିଶ୍ଲେଷଣ କରିବାକୁ ଅନୁରୋଧ କରିଥିବା ସଂକ୍ରାନ୍ତ ତଥ୍ୟ ଦାଖଲ କରିଛନ୍ତି । ସୂଚନା ଅନୁସାରେ, ପୂର୍ବରୁ ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର ସରକାର ଓ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ.କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

*HS*

## ରତ୍ନଭଣ୍ଡାର ଯାଞ୍ଚ କମିଟିର ସୁପାରିସ୍

ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ସୁପାରିସକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପରିଚାଳନା କମିଟିର ସୁପାରିସ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନେଇ ବିଚାର ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ଯାଞ୍ଚ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

*Gajapati/Puri*

## ପୁରୀ- ହେରାପଞ୍ଚମୀ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେଉଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ଆଳତି ପରେ ହେରାପଞ୍ଚମୀ ନୀତିକାନ୍ତି ହେବ। ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବିଜେ କରିବେ। ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ନନ୍ଦିଘୋଷ ରଥ ନିକଟରେ ପହଁଞ୍ଚିବା ପରେ ସେଠାରେ ବନ୍ଦାପନା ନୀତି ଅନୁଷ୍ଠିତ ହେବ। ପରେ ଗୁଣ୍ଡିଚା ମନ୍ଦିରରେ ମହାଲକ୍ଷ୍ମୀ ବିଜେ କରିବା ସହ ମହାପ୍ରଭୁଙ୍କ ଦର୍ଶନ ନ ପାଇ ରୋଷରେ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ନନ୍ଦିଘୋଷ ରଥ କାଠ ଭାଙ୍ଗିବାର ପରମ୍ପରା ରହିଛି। ଶରଧାବାଲିରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଗଜପତି ଜିଲ୍ଲା ରାୟଗଡ଼ା ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ପାଦଦେଶରେ ଥିବା ଜିରାଙ୍ଗ ଗ୍ରାମସ୍ଥିତ ଠାକୁର ବଳଦେବଜୀଉଙ୍କ ମନ୍ଦିରଠାରେ ଆଜି ହେରାପଞ୍ଚମୀ ତିଥିରେ ପାରମ୍ପରିକ ରଥଯାତ୍ରା ପାଳିତ ହୋଇଛି । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନସିକ କରି ମୁଣ୍ଡନ ହୋଇ ପବିତ୍ର ମହେନ୍ଦ୍ରତନୟା ନଦୀରେ ବୁଡ଼ ପକେଇଛନ୍ତି ।

ଭଦ୍ରକ ଜିଲ୍ଲାର ପ୍ରାଚୀନ ବୈଷ୍ଣବ ପୀଠ ସନ୍ଥିଆ ଗ୍ରାମର ରାଧାମୋହନ ମନ୍ଦିରରେ ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଛି ।

***Angul***

## ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୁଳଠାରେ ଜିଲ୍ଲାପାଳ ମହମ୍ମଦ ଅବ୍ଦାଲ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦୁର୍ଘଟଣାର ପ୍ରତିକାର ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ପରିବହନ ବିଭାଗ ପକ୍ଷରୁ କମିଟି ସଭ୍ୟଙ୍କୁ ଅବଗତ କରାଯାଇଛି । ପୁଲିସ ଓ ପରିବହନ ବିଭାଗର ଅଧିକାରୀ ମିଳିତ ଭାବେ ଯାନବାହନ, ହେଲମେଟ୍, ସିଟ୍‌ବେଲ୍ଟ ଆଦି କଡ଼ାକଡ଼ି ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବୈଠକରେ ପୂର୍ତ୍ତ ବିଭାଗ ରାସ୍ତା, ଜାତୀୟ ରାଜପଥ ଗୁଡ଼ିକର ମରାମତି କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଛି ।

*Boudh*

## ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

ବୌଦ୍ଧ ଜିଲ୍ଲାରେ ବର୍ଷା ଋତୁରେ ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ, ଯକ୍ଷ୍ମା ଆଦି ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାରେ ରୋଗ ପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ତୃଣମୂଳସ୍ତରରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

*Malkangiri*

## ଝାଡ଼ାବାନ୍ତି ଆକ୍ରାନ୍ତ

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କୋପ୍ରା ଗ୍ରାମରେ ଝାଡ଼ାବାନ୍ତିରେ ୧୮ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଡାକ୍ତରୀ ଦଳ ଗାଁରେ ପହଁଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକ ଅସ୍ଥାୟୀ କ୍ୟାମ୍ପ କରାଯାଇ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବହାର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

*Boudh*

## ଉଚ୍ଚତା ତାଲିକା କାର୍ଯ୍ୟକ୍ରମ

ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶିଶୁମାନଙ୍କର ଅଭିବୃଦ୍ଧି ନିରୀକ୍ଷଣ, ମା' ଓ ଶିଶୁଙ୍କୁ ଉପଯୁକ୍ତ ଖାଦ୍ୟ ଓ ଯତ୍ନ ପ୍ରଦାନ ଉପରେ ଆଲୋଚନା କରାଯାଇଛି ।

*Gajapati/Boudh/BHK/Angul/HS/Desk*

## ବିଶ୍ୱ ଜନସଂଖ୍ୟା ଦିବସ

ବିଶ୍ୱ ଜନସଂଖ୍ୟା ଦିବସ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାଳିତ ହେଉଛି । ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ଉପରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ । ୧୯୯୦ ମସିହାରୁ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି ।

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ଜନସଂଖ୍ୟା ଦିବସ ପାଳିତ ହୋଇଛି । ଆୟୋଜିତ ସଭାରେ ଜିଲ୍ଲା ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ କରିବା ଉପରେ ଆଲୋଚନା କରିଥିଲେ । ବୈଠକରେ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ୭ଟି ବ୍ଲକରେ ଥିବା ଆରୋଗ୍ୟ କେନ୍ଦ୍ର ଏବଂ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ।

ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ଜନସଂଖ୍ୟା ସ୍ଥିରତା ଆଣିବା ପାଇଁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଂଖ୍ୟା ଦିବସ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ପରିବାର କଲ୍ୟାଣର ବିଭିନ୍ନ ଯୋଜନା ଓ ଏହାର ଉପକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

***HS***

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି । ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ହୋଇଛି ।  ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ରରୁଆଁରେ ସର୍ବାଧିକ ୩୪ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି  ।

*******************************